# NATIONAL NEWS BULLETIN (ODIA)

## 29th May - 2024

## Morning Bulletin : 7.15 a.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ସନ୍ଧ୍ୟାସୁଦ୍ଧା ଶେଷ ହେଉଛି ପ୍ରଚାର ।
- ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଜି ଓଡ଼ିଶା ଗସ୍ତ ।
- ସାମୁଦ୍ରିକ ଝଡ଼ 'ରେମାଲ୍'ର ପ୍ରଭାବରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରବଳ କ୍ଷୟକ୍ଷତି ।
- ୧୯୯୯ ମସିହା ଭାରତ-ପାକିସ୍ତାନ ଚୁକ୍ତିକୁ ଇସ୍‌ଲାମାବାଦ ଉଲ୍ଲଙ୍ଘନ କରିଛି ବୋଲି କହିଲେ ନୱାଜ୍ ସରିଫ୍ ।

ଏବଂ

- ଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ଚାଲିଥିବା ବାହୁ କୁସ୍ତି ଏସିଆନ୍ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ଭାରତର ଗୋଟିଏ ସ୍ୱର୍ଣ୍ଣ ଏବଂ ୬ଟି ବ୍ରୋଞ୍ଜ୍ ପଦକ ହାସଲ ।

## ପି.ଏମ୍. କୋଲ୍‌କାତା

ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଆସନ୍ତାକାଲି ସନ୍ଧ୍ୟାରେ ଶେଷ ହେବ । ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ସରଗରମ ହୋଇଛି ।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଓଡ଼ିଶା ଗସ୍ତରେ ଆସି ବାରିପଦାର ଛଉପଡ଼ିଆ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରଗ୍ରାମର ସିଦ୍ଧମଠ ପଡ଼ିଆଠାରେ ଜନସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

କୋଲ୍‌କାତାଠାରେ ଗତକାଲି ସନ୍ଧ୍ୟାରେ ଶ୍ରୀ ମୋଦି ଏକ ରୋଡ୍‌ଶୋ'ରେ ଅଂଶଗ୍ରହଣ କରିଥିଲେ । ଶ୍ୟାମବଜାର ଫାଇଭ୍ ପଏଣ୍ଟ୍ ଛକରୁ ଆରମ୍ଭ ହୋଇଥିବା ଏହି ରୋଡ୍‌ଶୋ' ଅଢ଼େଇ କିଲୋମିଟର ଦୂର ଶିମ୍‌ଲା ଷ୍ଟ୍ରିଟ୍ ଅନ୍ତର୍ଗତ ସ୍ୱାମୀ ବିବେକାନନ୍ଦଙ୍କ ପୈତୃକ ଗୃହ ପର୍ଯ୍ୟନ୍ତ ଯାଇଥିଲା । କୋଲ୍‌କାତାଠାରେ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ରୋଡ୍‌ଶୋ' । ଏହା ପୂର୍ବରୁ

ବାରସାତ୍ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଶୋକ ନଗରଠାରେ ଏକ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ବାରୁଇପୁରଠାରେ ମଧ୍ୟ ଏକ ନିର୍ବାଚନ ର୍‍ୟାଲିକୁ ଶ୍ରୀ ମୋଦି ସମ୍ବୋଧନ କରିଥିଲେ ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଆଜି ବାଲେଶ୍ୱର ଏବଂ ଭଦ୍ରକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ଥିବା ବେଳେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ପ୍ରଚାରର ଶେଷଦିନ ଆସନ୍ତାକାଲି ବାଲେଶ୍ୱରରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

## ୟୁ.ପି. କ୍ୟାମ୍ପେନ୍

ବି.ଜେ.ପି.ର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଉତ୍ତର ପ୍ରଦେଶର ୪ଟି ଜନସମାବେଶରେ ଯୋଗଦେବେ । ମହାରାଜାଗଞ୍ଜ, ଦେଇରିଆ, ବାଲିଆ ସୋନଭଦ୍ର ଏବଂ ଗାଜିପୁରରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ କୁଶୀନଗର, ଦେଓରିଆ ଏବଂ ଗୋରଖପୁରରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

# ଝାଡ଼ଖଣ୍ଡ କ୍ୟାମ୍ପେନିଙ୍ଗ

ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ୯୦୪ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ଝାଡ଼ଖଣ୍ଡରେ ୩ଟି ଲୋକସଭା ଆସନ - ଗୋଡ୍ଡା, ଡୁମ୍‌କା ଏବଂ ଶାହିବ୍‌ଗଞ୍ଜ ପାଇଁ ଆସନ୍ତା ଶନିବାର ଦିନ ଭୋଟ୍ ନିଆଯିବ । ବି.ଜେ.ପି. ଜେ.ଏମ୍.ଏମ୍., କଂଗ୍ରେସ, ଆର୍.ଜେ.ଡି., ଏ.ଜେ.ଏସ୍.ୟୁ ଏବଂ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ଜନସମାବେଶ ଓ ରୋଡ୍‌ଶୋ' ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାପାଇଁ ପ୍ରୟାସ ଜାରି ରହିଛି ।

ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ଡୁମ୍‌କା ଓ ଗେଡ୍ଡାଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ୍ ହେବେ ।

ବରିଷ୍ଠ କଂଗ୍ରେସ ନେତା ରାହୁଲ୍ ଗାନ୍ଧି ମଧ୍ୟ ଡୁମ୍‌କାଠାରେ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଶାହିବ୍‌ଗଞ୍ଜଠାରେ ଗତକାଲି ଏକ ନିର୍ବଚନ ର୍‍ୟାଲିକୁ ସମ୍ବୋଧନ କରି ଜେ.ଏମ୍.ଏମ୍. ନେତା କଳ୍ପନା ସୋରେନ୍ କହିଛନ୍ତି, ତାଙ୍କ ସ୍ୱାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଷଡ଼ଯନ୍ତ୍ରର ଶିକାର ହୋଇ ଜେଲ୍ ଯାଇଛନ୍ତି । ଅନ୍ୟପକ୍ଷରେ ଝାଡ଼ଖଣ୍ଡ କଂଗ୍ରେସ ମୁଖ୍ୟ ରାଜେଶ ଠାକୁର

ନିର୍ବାଚନକୁ ପ୍ରଭାବିତ କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ବ୍ୟବହାର କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ।

## ଇ.ସି. - ଭୋଟର୍ସ

ନିର୍ବାଚନ ଆୟୋଗ କହିଛନ୍ତି, ଗତ ଷଷ୍ଠ ପର୍ଯ୍ୟାୟ ଭୋଟଗ୍ରହଣରେ ୭ କୋଟି ୫ ଲକ୍ଷ ୪୪ ହଜାର ୯୩୩ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ପର୍ଯ୍ୟାୟରେ ଅନୁଷ୍ଠିତ ୫୮ଟି ସଂସଦୀୟ କ୍ଷେତ୍ର ପାଇଁ ମତଦାନ ୬୩ ଦଶମିକ ୩/୭ ପ୍ରତିଶତ ହୋଇଥିବା ଆୟୋଗ କହିଛି । ତେବେ ପୋଷ୍ଟାଲ୍ ବାଲାଟ୍ ଜରିଆରେ ମତଦାନର ଗଣତି ଚାଲିଛି ଏବଂ ଏହାପରେ ଏହି ପର୍ଯ୍ୟାୟ ପାଇଁ ମୋଟ୍ ମତଦାନ ପ୍ରକାଶ କରାଯିବ ।

## ମିଜୋରାମ-ଆସାମ ଡେଥ୍

ସାମୁଦ୍ରିକ ଝଡ଼ 'ରେମାଲ୍'ର ଗତ ରବିବାର ଦିନ ମଧ୍ୟରାତ୍ରିରେ ସ୍ଥଳଭାଗ ସ୍ପର୍ଶ ପରେ ଗତ ଦୁଇ ଦିନ ଧରି ଏହାର ପ୍ରଭାବରେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ବହୁ କ୍ଷୟକ୍ଷତି ଘଟିଛି । ଏହା କ୍ରମଶଃ ଦୁର୍ବଳ ହୋଇଛି; କିନ୍ତୁ

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି । ମିଜୋରାମ୍‌ରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଅନ୍ୟୂନ ୨୩ ଜଣଙ୍କର ମୃତ୍ୟୁ ହୋଇଛି । ଆସାମରେ ୩ ଜଣଙ୍କର ଏବଂ ମେଘାଳୟରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ମିଜୋରାମ୍‌ରେ ଏକ ପଥର ଖଣି ଭୂଷୁଡ଼ି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ଏବେବି ସେଠାରେ ୯ ଜଣ ନିଖୋଜ ଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ଲାଲ୍‌ଦୁହୋମା ମୃତକଙ୍କ ପରିବାର ପିଛା ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

ଆଇଜଲ୍‌ର ହୁନ୍ଥାରଠାରେ ମଧ୍ୟ ଭୂସ୍ଖଳନ ଯୋଗୁଁ ୬ ନମ୍ବର ଜାତୀୟ ରାଜପଥରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ତେବେ ଆନ୍ତଃରାଜ୍ୟ ରାଜପଥଗୁଡ଼ିକ ମଧ୍ୟ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ସେହି ସଡ଼କଗୁଡ଼ିକରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । କ୍ଷୟକ୍ଷତିର ଆକଳନ କରାଯାଉଛି ଏବଂ ପରିସ୍ଥିତି ଉପରେ ରାଜ୍ୟ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । ଇତିମଧ୍ୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ସରକାରୀ କାର୍ଯ୍ୟାଳୟ ଗତକାଲି ବନ୍ଦ ରହିଥିଲା । ଜରୁରୀକାଳୀନ ସେବାରେ ନିୟୋଜିତ କର୍ମଚାରୀ କାର୍ଯ୍ୟାଳୟକୁ ଆସିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ଘଟଣାପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

‘ରେମାଲ୍’ର ପ୍ରଭାବରେ ଆସାମରେ ମଧ୍ୟ ପ୍ରବଳ କ୍ଷୟକ୍ଷତି ହୋଇଛି । ୩ ଜଣ ଲୋକଙ୍କର ମୃତ୍ୟୁ ହେବା ସହ ୧୭ ଜଣ ଆହତ ହୋଇଛନ୍ତି । ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ସୋନିତ୍‌ପୁର ଜିଲ୍ଲାର ଢେକିଆଜୁଲିଠାରେ ଏକ ସ୍କୁଲ୍ ବସ୍ ଉପରେ ଗୋଟିଏ ବଡ଼ ଗଛ ଉପୁଡ଼ିପଡ଼ିବାରୁ ୧୨ ଜଣ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି । ସେହିଭଳି ମୋରିଗାଓଁଠାରେ ମଧ୍ୟ ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଶ୍ରୀ ଶର୍ମା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମେଘାଳୟର ପୂର୍ବ ଜୈନ୍ତିଆ ହିଲସ୍ ଜିଲ୍ଲାରେ ଏକ କାନ୍ଥ ଭୁଷୁଡ଼ି ପଡ଼ିବାରୁ ଜଣଙ୍କ ମୃତ୍ୟୁ ହୋଇଛି । ଭୂସ୍ଖଳନରେ ୪ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଆହତମାନଙ୍କୁ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି ।

## ପାକିସ୍ତାନ - ନୱାଜ ସରିଫ୍

୧୯୯୯ ମସିହାରେ ଭାରତ ସହ ହୋଇଥିବା ଚୁକ୍ତିନାମାକୁ ଇସ୍‌ଲାମାବାଦ ଉଲ୍ଲଙ୍ଘନ କରିଛି ବୋଲି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍ କହିଛନ୍ତି । ଗତକାଲି ପାକିସ୍ତାନ ମୁସ୍‌ଲିମ୍ ଲିଗ୍‌ର ସାଧାରଣ

ପରିଷଦ ବୈଠକରେ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି । ସେ କହିଛନ୍ତି, ୧୯୯୮ ମସିହା ମଇ ୨୮ ତାରିଖରେ ପାକିସ୍ତାନ ପରମାଣୁ ପରୀକ୍ଷଣ କରିଥିଲା । ଏହି ପରିପ୍ରେକ୍ଷୀରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଲାହୋର ଗସ୍ତ କରି ଦ୍ୱିପକ୍ଷୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୧୯୯୯ ଫେବୃୟାରୀ ୨୧ ତାରିଖରେ ଦୁଇପକ୍ଷ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଦୁଇ ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଳନ ଲକ୍ଷ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ତେବେ ଚୁକ୍ତିର ଅଳ୍ପ ଦିନ ପରେ ଜମ୍ମୁ-କାଶ୍ମୀରର କାର୍ଗିଲ୍ ଜିଲ୍ଲାକୁ ପାକିସ୍ତାନ ସେନା ପ୍ରବେଶ କରିଥିଲେ, ଯାହାଦ୍ୱାରା କାର୍ଗିଲ୍ ଯୁଦ୍ଧ ହୋଇଥିଲା । ସୂଚନାଯୋଗ୍ୟ, ଗତକାଲିର ସାଧାରଣ ପରିଷଦ ବୈଠକରେ ଶ୍ରୀ ସରିଫ୍ ସର୍ବସମ୍ମତିକ୍ରମେ ଦଳର ସଭାପତି ଭାବେ ମନୋନୀତ ହୋଇଛନ୍ତି । ପାନାମା ଦସ୍ତାବିଜ ମାମଲାରେ ପାକିସ୍ତାନ ସୁପ୍ରିମ୍‌କୋର୍ଟ ତାଙ୍କୁ ୬ ବର୍ଷ ପାଇଁ କୌଣସି ପଦପଦବୀରେ ରହିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏହି ସମୟସୀମା ଶେଷ ହେବା ପରେ ଗତକାଲିର ବୈଠକରେ ଶ୍ରୀ ସରିଫଙ୍କୁ ସଭାପତି ଦାୟିତ୍ୱ ଅର୍ପଣ କରାଯାଇଛି ।

## ହରିୟାଣା - ଫାୟାର୍

ହରିୟାଣାର ସୋନିପତ୍‌ଠାରେ ଏକ ରବର କାରଖାନାରେ ଗତକାଲି ଅଗ୍ନିକାଣ୍ଡ ଘଟିଛି । ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ରାଇ

ଶିଳ୍ପାଞ୍ଚଳରେ ଏହି ଅଗ୍ନିକାଣ୍ଡ ଘଟିବା ସହ ପ୍ରାୟ ୪୫ ଜଣ ଲୋକ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଶ୍ରମିକ ଶ୍ରେଣୀ ଅଧିକ ଥିବା ଜଣାପଡ଼ିଛି । ୫ ଜଣଙ୍କର ଅବସ୍ଥା ଗୁରୁତର ଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି । ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ବୟେଲର୍ ପ୍ଲାଣ୍ଟରେ ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି ।

## ଆର୍ମ ରେସ୍‌ଲିଙ୍ଗ୍

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ଚାଲିଥିବା ବାହୁ କୁସ୍ତି ଏସିଆନ୍ ଚାମ୍ପିୟନସିପ୍-୨୦୨୪ ପ୍ରତିଯୋଗିତାରେ ଭାରତ ଗୋଟିଏ ସ୍ୱର୍ଣ୍ଣ ଏବଂ ୬ଟି ବ୍ରୋଞ୍ଜ୍ ପଦକ ହାସଲ କରିଛି । ଭାରତ ପକ୍ଷରୁ ଶ୍ରୀମନ୍ତ ଝା ଦୁଇଟି ବର୍ଗରେ ଅଂଶଗ୍ରହଣ କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ସେ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ମାଷ୍ଟର୍ସ ବର୍ଗରେ ଲକ୍ଷ୍ମଣ ସିଂହ ଭଣ୍ଡାରୀ ୨ଟି ବ୍ରୋଞ୍ଜ୍ ପଦକ ହାସଲ କରିଥିବା ସଚିନ୍ ଗୋୟଲ୍ ଡାହାଣ ହାତ ସିନିୟର୍ ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ।

ସେହିଭଳି ମହିଳା ଖେଳାଳୀ ମଧ୍ୟ ଇବି ଲୋଲେନ୍ ଦୁଇଟି ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ।

*****